# Press Statement on recent comments by foreign individuals and entities on the farmers' protests

February 03, 2021

## କୃଷକ ଆନ୍ଦୋଳନ ଉପରେ ବିଦେଶୀ ବ୍ୟକ୍ତିବିଶେଷ ଏବଂ ସଂସ୍ଥାଗୁଡିକର ମନ୍ତବ୍ୟ ଉପରେ ପ୍ରେସ ବିବୃତ୍ତି

ଫେବୃଆରୀ 03, 2021

"ଭାରତର ସଂସଦ ସମ୍ପୂର୍ଣ୍ଣ ତର୍କବିତର୍କ ଏବଂ ଆଲୋଚନା ପରେ କୃଷି କ୍ଷେତ୍ର ପାଇଁ ସଂସ୍କାରମୂଳକ ଆଇନ ପ୍ରଣୟନ କରିଥିଲା। ଏହି ସଂସ୍କାରଗୁଡିକ କୃଷକମାନଙ୍କୁ ବିସ୍ତାରିତ ବଜାରରେ ପ୍ରବେଶ କରିବା ପାଇଁ ସୁଯୋଗ ପ୍ରଦାନ କରେ ତଥା ଅଧିକ ନମନୀୟତା ପ୍ରଦାନ କରେ। ଏହି ସଂସ୍କାରଗୁଡିକ ଆର୍ଥିକ ଏବଂ ପରିବେଶଗତ ଭାବେ ସ୍ଥାୟୀ ଚାଷ ପାଇଁ ମଧ୍ୟ ପଥ ପରିଷ୍କାର କରିଛି।

ଭାରତର କିଛି ଅଂଶରେ କୃଷକଙ୍କ ଏକ ଛୋଟ ଗୋଷ୍ଠୀ ଏହି ସଂସ୍କାର ବିଷୟରେ କିଛି ସନ୍ଦେହ ରହିଛି। ଆନ୍ଦୋଳନକାରୀଙ୍କ ଭାବନାକୁ ସମ୍ମାନ ଜଣାଇ ଭାରତ ସରକାର ସେମାନଙ୍କ ପ୍ରତିନିଧୀଙ୍କ ସହ ଅନେକ ପର୍ଯ୍ୟାୟ ଆଲୋଚନା କରିଛନ୍ତି। କେନ୍ଦ୍ର ମନ୍ତ୍ରୀମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି ଏବଂ ଏକାଦଶ ପର୍ଯ୍ୟାୟ ଆଲୋଚନା ହୋଇସାରିଛି। ସରକାର ଏହି ଆଇନକୁ ସ୍ଥଗିତ ରଖିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହା ଭାରତର ପ୍ରଧାନମନ୍ତ୍ରୀ ମଧ୍ୟ ଦୋହରାଇଛନ୍ତି।

ତଥାପି ଏହି ଆନ୍ଦୋଳନକୁ ନେଇ ନିଜର ଏଜେଣ୍ଡା କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରୁଥିବା ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀକୁ ଦେଖିବା ଦୁର୍ଭାଗ୍ୟଜନକ। ଜାନୁଆରୀ 26 ଭାରତର ଗଣତନ୍ତ୍ର ଦିବସରେ ଏହାର ଏକ ଭୟଙ୍କର ରୂପ ପରିଲକ୍ଷିତ ହୋଇଥିଲା। ଭାରତର ରାଜଧାନୀରେ ହୋଇଥିବା ହିଂସା ଓ ଭଙ୍ଗାରୁଜା ଭାରତୀୟ ସମ୍ବିଧାନର କାର୍ଯ୍ୟକାରୀ ବାର୍ଷିକୀ ଉତ୍ସବକୁ ତଥା ଏକ ରାଷ୍ଟ୍ରୀୟ ସମ୍ମାନର ସ୍ମୃତିଚାରଣକୁ ମଳିନ କରିଥିଲା।

କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ମଧ୍ୟ ଭାରତ ବିରୋଧରେ ଆନ୍ତର୍ଜାତୀୟ ସମର୍ଥନ ସଂଗ୍ରହ କରିବାକୁ ଚେଷ୍ଟା କରିଛନ୍ତି। ସେମାନଙ୍କ ଦ୍ୱାରା ଉତ୍ତେଜିତ ହୋଇ କିଛି ଲୋକ ବିଶ୍ୱର କେତେକ ସ୍ଥାନରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଅପମାନିତ କରିଛନ୍ତି। ଏହାକୁ ନେଇ ଭାରତ ତଥା ସମସ୍ତ ସଭ୍ୟ ସମାଜ ଅତ୍ୟନ୍ତ କ୍ଷୁବ୍ଧ।

ଭାରତୀୟ ପୋଲିସ ବାହିନୀ ଏହି ଆନ୍ଦୋଳନକୁ ଅତି ସଂଯମତାର ସହ ପରିଚାଳନା କରିଛି। ଏହା ଲକ୍ଷ୍ୟ କରାଯାଇପାରେଯେ ପୋଲିସରେ କାର୍ଯ୍ୟ କରୁଥିବା ଶହ ଶହ ପୁରୁଷ ଓ ମହିଳାଙ୍କୁ ଶାରୀରିକ ଆକ୍ରମଣ କରାଯାଇଛି ଏବଂ କେତେକ ଘଟଣାରେ ଛୁରୀ ଦ୍ୱାରା ଆକ୍ରମଣରେ ସେମାନେ ଗୁରୁତର ଆହତ ହୋଇଛନ୍ତି।

ଆମେ ଜୋର ଦେବାକୁ ଚାହୁଁଛୁଯେ ଏହି ଆନ୍ଦୋଳନକୁ ଭାରତୀୟ ଗଣତାନ୍ତ୍ରିକ ନୈତିକତା ଏବଂ ବିନମ୍ରତା ଏବଂ ଏହି ସମସ୍ୟାର ସମାଧାନ ପାଇଁ ସରକାର ଏବଂ ସମ୍ପୃକ୍ତ କୃଷକ ଗୋଷ୍ଠୀର ଉଦ୍ୟମ ପରିପ୍ରେକ୍ଷୀରେ ଦେଖାଯିବା ଆବଶ୍ୟକ।

ଏହିପରି ବିଷୟ ଉପରେ ମନ୍ତବ୍ୟ ଦେବାକୁ ତତ୍ପର ହେବା ପୂର୍ବରୁ ଆମେ ଅନୁରୋଧ କରୁଛୁଯେ ତଥ୍ୟଗୁଡିକ ଅନୁସନ୍ଧାନ କରାଯାଉ ଏବଂ ପ୍ରସଙ୍ଗଗୁଡ଼ିକୁ ସଠିକ ଭାବରେ ବୁଝାଯାଉ। ସମ୍ବେଦନଶୀଳ ସୋସିଆଲ ମିଡିଆ ହ୍ୟାସଟ୍ୟାଗ ଏବଂ ମନ୍ତବ୍ୟର ପ୍ରଲୋଭନରେ ବିଶେଷତଃ ଯେତେବେଳେ ପ୍ରତିଷ୍ଠିତ ବ୍ୟକ୍ତି ଏବଂ ଅନ୍ୟମାନେ ପଡନ୍ତି ତାହା ସଠିକ କିମ୍ବା ଦାୟିତ୍ୱପୂର୍ଣ୍ଣ ନୁହେଁ।"

#IndiaTogether
#IndiaAgainstPropaganda

**ନୂଆଦିଲ୍ଲୀ**
**ଫେବୃଆରୀ 03, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.